# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 7 July - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ଶ୍ରୀକ୍ଷେତ୍ର ପୁରୀରେ ଅନୁଷ୍ଠିତ ହେଉଛି ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା

— ଅପରାହ୍ଣ ୫ଟାରେ ଆରମ୍ଭ ହେଲା ରଥଟଣା

- ରଥାରୂଢ଼ ଶ୍ରୀଜୀଉଙ୍କୁ ଦର୍ଶନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି

- ବଜାରରେ ବିକ୍ରି ହେଉଥିବା ଖାଦ୍ୟ ପ୍ୟାକେଟ୍‌ରେ ପୋଷଣର ସମ୍ପୂର୍ଣ୍ଣ ବିବରଣୀ ଦେବାକୁ ନିର୍ଦ୍ଦେଶ ଦେଲା ଭାରତୀୟ ଖାଦ୍ୟ ସୁରକ୍ଷା ମାନକ କର୍ତ୍ତୃପକ୍ଷ

ଏବଂ

- ରାଜ୍ୟରେ ଘଡଘଡ଼ି ସହ ବର୍ଷା ହେବା ନେଇ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୧ଟି ଜିଲ୍ଲାକୁ ସତର୍କ ସୂଚନା

## ରଥଯାତ୍ରା-୨୦୨୪

ଶ୍ରୀକ୍ଷେତ୍ର ପୁରୀରେ ଆଜି ପ୍ରଭୁ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କ ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହେଉଛି। ଆଷାଢ ଶୁକ୍ଳ ଦ୍ୱିତୀୟା ତିଥିରେ ପବିତ୍ର ଘୋଷଯାତ୍ରାରେ ରଥାରୂଢ଼ ହୋଇ ଶ୍ରୀଜୀଉମାନେ ନବଦିନାତ୍ମକ ଯାତ୍ରାରେ ନିଜ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି। ନିର୍ଦ୍ଧାରିତ ସମୟ ପୂର୍ବରୁ ଆଜି ଶ୍ରୀଜୀଉମାନଙ୍କର ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନ ଧାଡି ପହଣ୍ଡିରେ ଆସି ଦେବୀ ସୁଭଦ୍ରାଙ୍କ ରଥରେ ରଥାରୂଢ଼ ହୋଇଥିଲେ। ପରେ ବଡ଼ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରା ଓ ଶେଷରେ ମହାବାହୁ ଶ୍ରୀଜଗନ୍ନାଥଙ୍କର ପହଣ୍ଡି ଶେଷ ହେବା ପରେ ରଥାରୂଢ଼ ହୋଇଥିଲେ।

ନିର୍ଦ୍ଧାରିତ ସମୟ ପୂର୍ବରୁ ଅପରାହ୍ଣ ୩ଟା ସୁଦ୍ଧା ପହଣ୍ଡି ଶେଷ ହୋଇଥିଲା। ପରେ ଶ୍ରୀଜୀଉମାନଙ୍କୁ ଚିତାଲାଗି ହୋଇଥିଲା। ଶଙ୍କରାଚାର୍ଯ୍ୟ ନିଜର ଅନୁଗାମୀମାନଙ୍କ ସହିତ ଯାଇ ତିନି ରଥରେ ତିନିଠାକୁରଙ୍କୁ ଦର୍ଶନ କରିଥିଲେ। ଗଜପତି ମହାରାଜ ତିନି ରଥରେ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିବା ପରେ ଚାରମାଳ ବନ୍ଧା ଓ ଏହାପରେ ରଥରେ ଘୋଡା ଯୋଚା ଯାଇ ଅପରାହ୍ଣ ୫ଟା ପରେ ରଥଟଣା ଆରମ୍ଭ ହୋଇଥିଲା।  ଦେବୀ ସୁଭଦ୍ରାଙ୍କ ରଥକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଟାଣିବାର ସୁଯୋଗ ପାଇଥିଲେ।

ଚଳିତବର୍ଷ ଶ୍ରୀମନ୍ଦିରରେ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ନୀତି ଆଜି ପାଳନ କରାଯାଉଥିବାରୁ ଏହି ବର୍ଷ ରଥଯାତ୍ରାର ସ୍ୱାତନ୍ତ୍ର୍ୟ ରହିଛି ।

ସକାଳ ୪ଘଣ୍ଟା ୪ମିନିଟ୍‌ରେ ମଙ୍ଗଳ ଆଳତୀ ଶେଷ ହେବା ପରେ ମଇଲମ୍, ଅବକାଶ ପୂଜା କରାଯାଇ ଦଶ ଅବତାର ଠାକୁରଙ୍କୁ ବାହୁଡା ବିଜେ କରାଯାଇଥିଲା ।

ଆଜି ସନ୍ଧ୍ୟାସୁଦ୍ଧା ତିନି ରଥ ଶ୍ରୀଗୁଣ୍ଡିଚା ମନ୍ଦିରରେ ଯଦି ପହଞ୍ଚି ନ ପାରିବ, ସେ କ୍ଷେତ୍ରରେ ଆସନ୍ତାକାଲି ପୁଣି ରଥ ଟଣା ହେବ। ଭକ୍ତଙ୍କର ଭାବ ଏବଂ ଆବେଗ ସହ ଜଡିତ ଏହି ଅଭୂତପୂର୍ବ ଲୀଳା ଦେଖିବା ପାଇଁ ପୁରୀରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି ।

## ରଥଯାତ୍ରା-ଜିଲ୍ଲା

ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ରଣପୁର ସମେତ **ନୟାଗଡ଼** ଜିଲ୍ଲାର ବିଭିନ୍ନ ସ୍ଥାନରେ ପବିତ୍ର ଘୋଷଯାତ୍ରା ଅତ୍ୟନ୍ତ ଭକ୍ତି, ନିଷ୍ଠା, ଧାର୍ମିକତାର ସହିତ ସମ୍ପନ୍ନ ହୋଇଛି। ରଣପୁରରେ ଶ୍ରୀଜୀଉମାନଙ୍କୁ ୩ଟି ରଥରେ ବିଜେ କରାଯାଇଥିଲା। ତେବେ ମା’ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିଲେ। ରଣପୁର ରାଜା ଦିଲ୍ଲୀପ କୁମାର ନରେନ୍ଦ୍ର ଛେରା ପହରା କରିବା ପରେ ଆନୁଷ୍ଠାନିକ ଭାବେ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।

**ନବରଙ୍ଗପୁର**ଠାରେ ମଧ୍ୟ ସି.ଆର.ପି.ଏଫ୍. ବାଟାଲିୟନ୍ ପକ୍ଷରୁ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। କମାଣ୍ଡାଣ୍ଟ ଏ.କେ.କେ.ପ୍ରସାଦ ରଥଯାତ୍ରାର ମୁଖ୍ୟ ପୁରୋଧା ରୂପେ ନୀତିକାନ୍ତି ସମ୍ପନ୍ନ କରିବା ପରେ ୩ ଠାକୁରଙ୍କୁ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯିବା ପରେ ରଥ

ଟଣାଯାଇଥିଲା। ଏହି ଯାତ୍ରାରେ ଆଖପାଖ ଅଂଚଳର ଅନେକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

**ଦେବଗଡ଼** ଜିଲ୍ଲାରେ ରଥଯାତ୍ରାର ଏକ ସ୍ୱତନ୍ତ୍ର ପରମ୍ପରା ରହିଛି। ଏଠାରେ ରଥଯାତ୍ରା ଦିନ କେବଳ ପହଣ୍ଡି ହୋଇ ମହାପ୍ରଭୁ ରଥାରୂଢ଼ ହୋଇଥାନ୍ତି ଓ ତା ପରଦିନଠାରୁ ଦୁଇଦିନ ଧରି ରଥଯାତ୍ରା ହୋଇଥାଏ।

ଦେବଗଡ଼ର ପୁରୁଣାଗଡ଼ ସ୍ଥିତ ଜଗନ୍ନାଥ ମନ୍ଦିରରେ ଆଜି ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀତିକାନ୍ତି ଶେଷ କରାଯାଇଥିଲା। ପରେ ସନ୍ଧ୍ୟା ୫ଟାରେ ୩ ଠାକୁରଙ୍କୁ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଥିଲା। ଆସନ୍ତାକାଲିଠାରୁ ଦୁଇଦିନ ଧରି ରଥଟଣା ଉତ୍ସବ ଅନୁଷ୍ଠିତ ହେବ।

**ସମ୍ବଲପୁର** ସହରର ଝାଡୁଆପଡ଼ାରେ ଛେରାପହଁରା ଶେଷ ହେବା ପରେ ତିନି ବିଗ୍ରହଙ୍କୁ ରଥାରୂଢ଼ କରାଯାଇଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଶ୍ରଦ୍ଧାଳୁମାନେ ଆନନ୍ଦର ସହ ପ୍ରଭାତ ହୋଟେଲ ପରିସରକୁ ଟାଣିନେଇଥିଲେ। ସେଠାରେ ତିନିଠାକୁର ରାତ୍ରୀ ରହଣି ପରେ ଆସନ୍ତାକାଲି ମ୍ୟୁନିସ୍‌ପାଲଟି ଛକ ଦେଇ ଦୁର୍ଗାପୂଜା ମଣ୍ଡପ ଯାଏଁ ଆସିବେ।

**ନୂଆପଡ଼ା** ପ୍ରସିଦ୍ଧ ରଥଯାତ୍ରା ହର୍ଷଉଲ୍ଲାସର ସହ ପାଳିତ ହୋଇଯାଇଛି। ଖଡିଆଳ ଯୁବରାଜ ଦେବଦେବ ସିଂଦେବଙ୍କ ଛେରାପହଁରା ପରେ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇଥିଲେ। ହଜାର ହଜାର ଭକ୍ତ ରଥଟଣାରେ ଭାଗ ନେଇଥିଲେ।

## ରାଷ୍ଟ୍ରପତି-ଓଡ଼ିଶା ଗସ୍ତ

ଘୋଷଯାତ୍ରା ଅବସରରେ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କୁ ସମେତ ରାଜ୍ୟପାଳ ରଘୁବର ଦାସ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି ।

ଚାରିଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଭୁବନେଶ୍ୱର ଉଦୟଗିରି ଗୁମ୍ଫା ପରିଦର୍ଶନ କରିବା ସହ ବିଭୁତି କାନୁନ୍‌ଗୋ କଲେଜ୍ ଅଫ୍ ଆର୍ଟ ଆଣ୍ଡ୍ କ୍ରାଫ୍ଟ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ସହ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି। ରାଷ୍ଟ୍ରପତି ଭୁବନେଶ୍ୱର ଉପକଣ୍ଠ ହରିଦାମଡ଼ା ଗ୍ରାମରେ ବ୍ରହ୍ମକୁମାରୀଙ୍କ ଦିବ୍ୟ ରିଟ୍ରିଟ୍ ସେଣ୍ଟରର ଉଦ୍‌ଘାଟନ କରିବେ । ଏହି ଅବସରରେ "ଲାଇଫ୍ ଷ୍ଟାଇଲ୍ ଫର୍ ସଷ୍ଟେନବିଲିଟି" ଅଭିଯାନର ଶୁଭାରମ୍ଭ କରିବେ । ମଙ୍ଗଳବାର ଦିନ ରାଷ୍ଟ୍ରପତି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ଭୁବନେଶ୍ୱରଠାରେ ନାଇଜର୍'ର ତ୍ରୟୋଦଶତମ ଦୀକ୍ଷାନ୍ତ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଖାଦ୍ୟ ସୁରକ୍ଷା ଓ ମାନକ

ଖାଦ୍ୟସାମଗ୍ରୀ ପ୍ୟାକେଟଗୁଡ଼ିକର ସାମ୍ନାପଟରେ ପୋଷଣ ସମ୍ପର୍କିତ ସମସ୍ତ ବିବରଣୀ ଉଲ୍ଲେଖ କରିବା ପାଇଁ  ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍.ଏସ୍.ଏସ୍.ଏ.ଆଇ.) ନିର୍ଦ୍ଦେଶନାମା ଜାରି କରିଛନ୍ତି। ବଜାରରେ ବିକ୍ରୀ ହେଉଥିବା ଖାଦ୍ୟ ପ୍ୟାକେଟ୍ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ଖାଦ୍ୟରେ କେତେ ପରିମାଣର ଶର୍କରା, ଲବଣ ଏବଂ ସନ୍ତୁଳିତ ଚର୍ବି  ରହିଛି ସେ ସମ୍ପର୍କରେ ସମସ୍ତ ତଥ୍ୟ ବଡ଼ ବଡ଼ ଅକ୍ଷରରେ ଉପସ୍ଥାପନ

କରିବାକୁ ପଡିବ। ଖାଦ୍ୟ ସୁରକ୍ଷା ମାନକ କର୍ତ୍ତୃପକ୍ଷ ଅଧ୍ୟକ୍ଷ ଅପୂର୍ବ ଚନ୍ଦ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ଚାରିଧାମ ଯାତ୍ରା

ଚାରିଧାମ ଯାତ୍ରାରେ ଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ପାଣିପାଗ ବିଭାଗ ପକ୍ଷରୁ ଉତ୍ତରାଖଣ୍ଡରେ ପ୍ରବଳରୁ ଅତିପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି। ଆଜି ପାଇଁ ଚାରିଧାମ ଯାତ୍ରାକୁ ବାତିଲ କରାଯାଇଛି। ଗଢ଼ୱାଲ୍ କମିଶନର ବିନୟ ଶଙ୍କର ପାଣ୍ଡେଙ୍କ ସୂଚନା ଅନୁସାରେ, ଶ୍ରଦ୍ଧାଳୁମାନଙ୍କୁ  ଋଷିକେଶଠାରୁ ଆଜି ଆରମ୍ଭ ହେବାକୁ ଥିବା ଯାତ୍ରାକୁ ବାତିଲ କରାଯାଇଛି। ଯେଉଁ ଯାତ୍ରୀମାନେ ତୀର୍ଥସ୍ଥଳରେ ପହଞ୍ଚିସାରିଛନ୍ତି, ବର୍ଷାକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି।

## ବନ ମହୋତ୍ସବ

**ନବରଙ୍ଗପୁର** ଜିଲ୍ଲାସ୍ତରୀୟ ୭୫ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀଙ୍କ ସମେତ ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନେ ଚାରାରୋପଣ କରିଥିଲେ। ବନ ମହୋତ୍ସବରେ ଅନୁଷ୍ଠିତ ସଚେତନତା ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନକୁ ସଫଳ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ମା'ଙ୍କ ନାମରେ ଗୋଟିଏ ଗଛ ଲଗାଇବାକୁ ବିଧାୟକ ପରାମର୍ଶ ଦେଇଥିଲେ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷା ଜାରି ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଦକ୍ଷିଣ ଏବଂ ଉତ୍ତର ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ବିଜୁଳି ଘଡ଼ଘଡି ସହିତ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି। ୧୧ଟି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି। ଜିଲ୍ଲାଗୁଡ଼ିକ ହେଉଛି - ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, ନବରଙ୍ଗପୁର, କନ୍ଧମାଳ, ଗଜପତି, ଗଂଜାମ, ପୁରୀ, ଖୋର୍ଦ୍ଧା, କୋରାପୁଟ ଓ ମାଲକାନଗିରି। ସେହିପରି ୧୧ଟି ଜିଲ୍ଲାରେ ଘଡଘଡ଼ି ସହ ବଜ୍ରପାତର ସମ୍ଭାବନା ଅଛି। ଗତ ୨୪ ଘଣ୍ଟା ମଧ୍ୟରେ ବାରିପଦାରେ ସର୍ବାଧିକ ୯ ସେଣ୍ଟିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

*****************************